# NATIONAL NEWS BULLETIN (ODIA)
## 23 January - 2026
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ମହାନ ସ୍ୱାଧୀନତା ସଂଗ୍ରାମୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ଆଜି ଦେଶ ବ୍ୟାପି ପାଳନ କରାଯାଉଛି ପରାକ୍ରମ ଦିବସ ।

– କଟକ ଓ କୋଲକାତାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ।

- କେରଳର ତିରୁବନନ୍ତପୁରମ୍‌ରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଆଜି ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଜନଗଣନା କାର୍ଯ୍ୟକ୍ରମ ୨୦୨୭ର ପ୍ରଥମ ପର୍ଯ୍ୟାୟ ଲାଗି ଆସନ୍ତା ଏପ୍ରିଲ୍‌ରୁ ଆରମ୍ଭ ହେବ ଗୃହ ତାଲିକା କରଣ କାର୍ଯ୍ୟ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ୟୁ.ପି. ୱାରିୟର୍ସ୍‌କୁ ୪୫ରନ୍‌ରେ ପରାସ୍ତ କଲା ଗୁଜରାଟ ଜାଏଣ୍ଟସ୍ ।

# ପରାକ୍ରମ ଦିବସ

ଭାରତ ଇତିହାସର ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜନନେତା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ପରାକ୍ରମ ଦିବସ ପାଳନ କରାଯାଉଛି ।

ଏହି ଅବସରରେ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଓଡ଼ିଶା ଓ ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ରାଧାକୃଷ୍ଣନ୍ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ତଥା ସଂଗ୍ରହାଳୟରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେବେ । ଉପରାଷ୍ଟ୍ରପତି ଆଜି ନେତାଜୀଙ୍କ ସଂଗ୍ରହାଳୟରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୋଷ୍ଟାଲ ଗ୍ୟାଲେରୀକୁ ଉଦ୍‌ଘାଟନ କରିବେ । ଏହାସହ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ସଂସ୍କୃତି ଭବନକୁ ଲୋକାର୍ପଣ କରିବେ । ଏହାପରେ ଶ୍ରୀ ରାଧାକୃଷ୍ଣନ ପରାକ୍ରମ ଦିବସ ସଭା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା

ବ୍ୟବସ୍ଥା କରାଯାଇଛି । ଏହାପରେ ଉପରାଷ୍ଟ୍ରପତି କୋଲକାତା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପରାକ୍ରମ ଦିବସ ୨୦୨୬ ଆୟୋଜନ କରାଯାଇଛି । ସ୍ୱାଧୀନତା ସଂଗ୍ରାମୀ ସୁବାସ ଚନ୍ଦ୍ର ବୋଷଙ୍କ ଜୀବନ ଏବଂ ଐତିହ୍ୟ ସହ ଜଡ଼ିତ ଦେଶର ଅନ୍ୟ ୧୩ଟି ସ୍ଥାନରେ ମଧ୍ୟ ଏହି ଉତ୍ସବ ଅନୁଷ୍ଠିତ ହେଉଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ସହିତ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା ଦ୍ୱାରା ନାଟକ ପ୍ରଦର୍ଶନ କରାଯିବ । ଏହି ଉତ୍ସବ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

## ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳ ଗସ୍ତ ଯାଇ ତିରୁବନନ୍ତପୁରମ୍‌ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ସମାବେଶକୁ ମଧ୍ୟ ସମ୍ବୋଧନ କରିବେ । ଆଜି ଆରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ  ରେଳ ସଂଯୋଗୀକରଣ, ସହରାଞ୍ଚଳ ଜୀବିକା, ବିଜ୍ଞାନ ଏବଂ ନବସୃଜନ, ନାଗରିକ-କୈନ୍ଦ୍ରିକ ସେବା ଏବଂ ଉନ୍ନତ

ସ୍ୱାସ୍ଥ୍ୟସେବା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକର ପ୍ରକଳ୍ପ ରହିଛି । ଏହିସବୁ ପ୍ରକଳ୍ପ ଗୁଡ଼ିକରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ନାଗରିକମାନଙ୍କ ପାଇଁ ଗୁଣବତ୍ତା ସମ୍ପନ୍ନ ଜୀବନଶୈଳୀ ନିମନ୍ତେ ଧ୍ୟାନ କେନ୍ଦ୍ରିତ କରାଯାଇଛି ।

ଆଜି ପ୍ରଧାନମନ୍ତ୍ରୀ ମୋଦୀ ତିନୋଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଏବଂ ଗୋଟିଏ ଯାତ୍ରୀବାହୀ ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ। ସେହିସବୁ ଟ୍ରେନ୍ ଗୁଡ଼ିକ ମଧ୍ୟରେ ନାଗରକୋୟଲ-ମାଙ୍ଗାଲୁରୁ, ତିରୁବନନ୍ତପୁରମ-ତାମ୍ବରମ ଏବଂ ତିରୁବନନ୍ତପୁରମ-ଚାରଲାପାଲି ଅମୃତ ଭାରତ ଏକ୍ସପ୍ରେସ ଓ ତ୍ରିସୁର ଏବଂ ଗୁରୁଭାୟୁର ମଧ୍ୟରେ ଏକ ନୂତନ ଯାତ୍ରୀବାହୀ ଟ୍ରେନ ରହିଛି । ଏହି ଟ୍ରେନ୍ ସେବାଗୁଡ଼ିକର ପ୍ରଚଳନ ଫଳରେ କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୂରତା ହ୍ରାସ ପାଇବା ସହ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ପାଇବ । ଏହା ଫଳରେ ସମ୍ପୃକ୍ତ ଅଞ୍ଚଳରେ ଉନ୍ନତ ସଂଯୋଗୀକରଣ ସହ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ନିଯୁକ୍ତି ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହନ ମିଳିପାରିବ ।

ଆଜି ପ୍ରଧାନମନ୍ତ୍ରୀ ସ୍ୱନିଧି କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିବେ । ଯେଉଁଥିରେ ରାସ୍ତା କଡ଼ର ବିକ୍ରେତାମାନେ ଆର୍ଥିକ ଅନ୍ତର୍ଭୁକ୍ତି ମୂଳକ ଯୋଜନାରେ ସାମିଲ ହୋଇପାରିବେ । ଏହି କାର୍ଡ଼ ୟୁ.ପି.ଆଇ. ସହ

ସଂଯୁକ୍ତ ଯାହା ସୁଧମୁକ୍ତ କ୍ରେଡିଟ୍ ସୁବିଧା ପ୍ରଦାନ କରିବ । ଯାହା ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବା ସହ ୧ ଲକ୍ଷ ହିତାଧିକାରୀମାନଙ୍କୁ ପି.ଏମ୍. ସ୍ୱନିଧି ଋଣ ଯୋଗାଇଦେବ ।

ଶ୍ରୀ ମୋଦୀ ତିରୁବନନ୍ତପୁରମରେ ଆଜି ସି.ଏସ୍.ଆଇ.ଆର୍-ଏନ୍.ଆଇଆଇ.ଏସ୍.ଟି. ନବସୃଜନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟୋଗୀତା ହବ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ହବ୍ ଜରିଆରେ ଜୀବ ବିଜ୍ଞାନ ଏବଂ ଜୈବ-ଅର୍ଥନୀତି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଆୟୁର୍ବେଦ ଭଳି ପାରମ୍ପରିକ ଜ୍ଞାନ ପ୍ରଣାଳୀକୁ ଆଧୁନିକ ଜୈବ ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ପ୍ୟାକେଜିଂ ଏବଂ ସବୁଜ ହାଇଡ୍ରୋଜେନ୍ ସହିତ ସମନ୍ୱିତ କରିବ ।

କେରଳ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ତିରୁବନନ୍ତପୁରମର ଶ୍ରୀ ଚିତ୍ରା ତିରୁନାଲ ଇନଷ୍ଟିଚ୍ୟୁଟ୍ ଫର୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ୍ ଟେକ୍ନୋଲୋଜିରେ ଏକ ଅତ୍ୟାଧୁନିକ ରେଡିଓସର୍ଜରୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କେନ୍ଦ୍ର ଜଟିଳ ମସ୍ତିଷ୍କ ଜନିତ ସମସ୍ୟାର ସହଜ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରିବ ।

ତିରୁବନନ୍ତପୁରମରେ ଶ୍ରୀ ମୋଦୀ ନୂତନ ପୂଜାପୁରା ମୁଖ୍ୟ ଡାକଘରର ମଧ୍ୟ ଉଦଘାଟନ କରିବେ। ଏହି ଡାକଘରରେ ଆଧୁନିକ, ପ୍ରଯୁକ୍ତିବିଦ୍ୟା ସକ୍ଷମ ଡାକ ସୁବିଧା ସମେତ ବ୍ୟାଙ୍କିଙ୍ଗ, ବୀମା ଏବଂ ଡିଜିଟାଲ୍ ସେବା ପ୍ରଦାନ କରାଯିବ ।

# ଗଭମେଣ୍ଟ-ସେନ୍‌ସସ୍

ଆସନ୍ତା ଏପ୍ରିଲ ୧ ରୁ ଆରମ୍ଭ ହେଉଥିବା ଜନଗଣନାର ପ୍ରଥମ ପର୍ଯ୍ୟାୟ ପାଇଁ ନାଗରିକମାନଙ୍କୁ ପଚରାଯିବାକୁ ୩୩ଟି ପ୍ରଶ୍ନ ପ୍ରସ୍ତୁତ କରାଯାଇଛି । ଜନଗଣନା କାର୍ଯ୍ୟକ୍ରମ ୨୦୨୭ର ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଏପ୍ରିଲ ୧ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ନିର୍ଦ୍ଦିଷ୍ଟ ୩୦ ଦିନର ଅବଧି ମଧ୍ୟରେ ଗୃହ ତାଲିକାକରଣ କରାଯିବ।

ଗଣନାକାରୀମାନେ ଘରର ମାଲିକାନା ସ୍ଥିତି, ଏହାର ବ୍ୟବହାର, ଚଟାଣ ଏବଂ ଛାତରେ ବ୍ୟବହୃତ ସାମଗ୍ରୀ, କୋଠରୀ ସଂଖ୍ୟା ଏବଂ ପରିବାରର ମୁଖ୍ୟ ମହିଳା କି ପୁରୁଷ, ସେ ବିଷୟରେ ପ୍ରଶ୍ନ ପଚାରିବେ। ଏଥିରେ ଗଣନାକାରୀମାନେ ଘରର ବ୍ୟବହାର, ଏହାର ଅବସ୍ଥା ଏବଂ ପରିବାରର ସଦସ୍ୟଙ୍କ ସଂଖ୍ୟା ବିଷୟରେ ପ୍ରଶ୍ନ ପଚାରିବେ। ଅଧିକାରୀମାନେ ପରିବାରର ମୁଖ୍ୟଙ୍କ ବିଷୟରେ ମଧ୍ୟ ସୂଚନା ସଂଗ୍ରହ କରିବେ, ଯେଉଁଥିରେ ତାଙ୍କ ନାମ, ଲିଙ୍ଗ, ଜାତି ସମ୍ପର୍କରେ ପ୍ରଶ୍ନ ରହିବ ।

ନାଗରିକମାନଙ୍କୁ ସେମାନଙ୍କ ଘରେ ଥିବା ମୌଳିକ ସୁବିଧାଗୁଡ଼ିକ ବିଷୟରେ ମଧ୍ୟ ପ୍ରଶ୍ନ ପଚରାଯିବ । ଯେଉଁଥିରେ ପାନୀୟ ଜଳର ମୁଖ୍ୟ ଉତ୍ସ, ଆଲୋକର ମୁଖ୍ୟ ଉତ୍ସ, ପାଇଖାନାର ପ୍ରବେଶ ଏବଂ ପ୍ରକାର,

ପରିଷ୍କାର ଜଳ ନିଷ୍କାସନ, ଗାଧୋଇବା ସୁବିଧାର ଉପଲବ୍ଧତା, ରୋଷେଇ ଘର ଏବଂ ଏଲପିଜି ଏବଂ ପିଏନଜି ସଂଯୋଗର ଉପଲବ୍ଧତା ଓ ରୋଷେଇ ପାଇଁ ବ୍ୟବହୃତ ମୁଖ୍ୟ ଇନ୍ଧନ ଭଳି ପ୍ରଶ୍ନ ରହିଛି ।

ଗଣନାକାରୀମାନେ ରେଡିଓ ଏବଂ ଟ୍ରାଞ୍ଜିଷ୍ଟର, ଟେଲିଭିଜନ, ଇଣ୍ଟରନେଟ୍ ସଂଯୋଗ, ଲାପଟପ୍, କମ୍ପ୍ୟୁଟର, ଟେଲିଫୋନ୍, ମୋବାଇଲ୍ ଫୋନ୍, ସ୍ମାର୍ଟଫୋନ୍, ଯାନବାହନର ପ୍ରକାର, ଘରେ ବ୍ୟବହୃତ ମୁଖ୍ୟ ଶସ୍ୟ ଏବଂ ଜନଗଣନା ସମ୍ବନ୍ଧୀୟ ଯୋଗାଯୋଗ ପାଇଁ ମୋବାଇଲ୍ ନମ୍ବର ବିଷୟରେ ମଧ୍ୟ ସୂଚନା ସଂଗ୍ରହ କରିବେ ।

୩୦ ଦିନର ଗୃହ ତାଲିକାଭୁକ୍ତ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ୧୫ ଦିନ ମଧ୍ୟରେ ଆତ୍ମ-ଗଣନା ପାଇଁ ଏକ ବିକଳ୍ପ ମଧ୍ୟ ରହିବ ।

ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ - ପ୍ରଥମ ପର୍ଯ୍ୟାୟ ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଗୃହ ତାଲିକାଭୁକ୍ତ ଏବଂ ଗୃହ ଗଣନା ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀଠାରୁ ଆରମ୍ଭ ହେବ ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା

କରିଛି । ୨୦୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରଗତି ମଞ୍ଚରେ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ବାସ୍ତବ-ସମୟ ତଦାରଖ ଏବଂ ସମାଧାନ କରି ସଫଳତା ହାସଲ କରିଛି। ଆଜି ଆସନ୍ତୁ ଏହି ବିଶେଷ ଶୃଙ୍ଖଳାରେ ଜାଣିବା – ଜୟପୁର-ସିକର-ଚୁରୁ ଗଜ୍ ପରିବର୍ତ୍ତନ ପ୍ରକଳ୍ପ ସମ୍ପର୍କରେ ।

ଜୟପୁର-ସିକର-ଚୁରୁ ଗଜ୍ ପରିବର୍ତ୍ତନ ପ୍ରକଳ୍ପ ହେଉଛି ରାଜସ୍ଥାନରେ ଏକ ପ୍ରମୁଖ ରେଳ ଭିତ୍ତିଭୂମି ପଦକ୍ଷେପ, ଯାହା ରେଳ ମନ୍ତ୍ରଣାଳୟର ପ୍ରଶାସନିକ ତଦାରଖ ଅଧୀନରେ ଉତ୍ତର ପଶ୍ଚିମ ରେଳବାଇ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପରେ ପ୍ରାୟ ୩୨୦ କିଲୋମିଟର ଲମ୍ବରେ ପ୍ରାୟ ୧ ହଜାର ୨୨୨ କୋଟି ଟଙ୍କା ବ୍ୟୟରେ ମିଟର-ଗେଜ୍‌କୁ ବ୍ରଡଗେଜରେ ପରିବର୍ତ୍ତନ କରାଯାଇଛି। ଗଜ୍-ପରିବର୍ତ୍ତନ କାର୍ଯ୍ୟ ୨୦୧୯ ଏପ୍ରିଲ୍ ୨୫ରେ ଆରମ୍ଭ ହୋଇଥିଲା । ଏହି କରିଡରକୁ ଜାତୀୟ ବ୍ରଡ-ଗେଜ୍ ନେଟୱାର୍କରେ ଏକୀକୃତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ସେପ୍ଟେମ୍ବର ୨୮ରେ ପ୍ରଗତି ଅଧୀନରେ ଏହି ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପରେ ଜମି ବିବାଦ ଏବଂ ଜଙ୍ଗଲ ସମ୍ବନ୍ଧୀୟ ଅଭିଯୋଗ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ପ୍ରଧାନମନ୍ତ୍ରୀ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସହିତ ପରାମର୍ଶ କରି ରେଳ ମନ୍ତ୍ରଣାଳୟ ଏବଂ

ରାଜସ୍ଥାନ ସରକାରଙ୍କୁ ଜମି ଏବଂ ଜଙ୍ଗଲ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଗତି ନେତୃତ୍ୱରେ ତ୍ୱରିତ ଢଙ୍ଗରେ ରାଜ୍ୟ ବନ ବିଭାଗର ଆପତ୍ତିଗୁଡ଼ିକର ସମାଧାନ ହୋଇଥିଲା ଏବଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ ଏପ୍ରିଲରେ ଜୟପୁର-ସିକର-ଚୁରୁ ବ୍ରଡ-ଗେଜ୍ ସେକ୍ସନ କାର୍ଯ୍ୟକ୍ଷମ ହୋଇଥିଲା ।

# ପିଏମ୍-ବ୍ରାଜିଲ୍ ପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ  ବ୍ରାଜିଲର ରାଷ୍ଟ୍ରପତି ଲୁଲା ଦା ସିଲଭାଙ୍କ ମଧ୍ୟରେ ଗତକାଲି ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ ହୋଇଛି । ବ୍ରାଜିଲର ରାଷ୍ଟ୍ରପତିଙ୍କ ଠାରୁ ଟେଲିଫୋନ୍ କଲ୍ ପାଇବା ପରେ ଉଭୟ ନେତା ରଣନୈତିକ ସହଭାଗୀତାକୁ ଆହୁରି ଦୃଢ଼ କରିବା ଏବଂ ଆଗାମୀ ଦିନ ଗୁଡ଼ିକରେ ଏହାକୁ ଶୀର୍ଷ ସ୍ତରରେ ପହଞ୍ଚାଇବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଉଭୟ ନେତା ବାଣିଜ୍ୟ ଏବଂ ନିବେଶ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ, କୃଷି ଏବଂ ଲୋକ ସମ୍ପର୍କ ସମେତ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କରେ ଘଟିଥିବା ପ୍ରଗତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଶ୍ରୀ ମୋଦୀ ଏବଂ ଶ୍ରୀ ସିଲଭା ପାରସ୍ପରିକ  ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ

ଉପରେ ମତ ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ସେ ବ୍ରାଜିଲ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ଅପେକ୍ଷାରେ ଅଛନ୍ତି ।

## ବୀର ସୁରେନ୍ଦ୍ର ସାଏ

ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ଆଜି ତାଙ୍କ ଜନ୍ମସ୍ଥାନ ଖିଣ୍ଡା ଠାରେ ପାଳନ କରାଯିବ । ସମ୍ବଲପୁର ଜେଲ୍ ଛକ ଠାରେ ଥିବା ପ୍ରତିମୂର୍ତ୍ତିରେ ପ୍ରଶାସନ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବାର କାର୍ଯ୍ୟସୂଚୀ ରହିଛି । ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଖିଣ୍ଡା ଠାରେ ୧୮୦୯ ମସିହାରେ ବୀର ସୁରେନ୍ଦ୍ର ସାଏ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ଦିନରୁ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସେ ସଂଗ୍ରାମରେ ଝାସ ଦେଇଥିଲେ । ଜୀବନର ୩୭ ବର୍ଷ ତାଙ୍କର ଜେଲ୍‌ରେ ବିତିଥିଲା । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ବିଭିନ୍ନ ସ୍ଥାନରେ ସମାରୋହମାନ ଆୟୋଜନ କରାଯାଉଛି ।

## କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଭଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ୍

୪୫ରନ୍‌ରେ ୟୁ.ପି. ୱାରିୟର୍ସ୍‌କୁ ପରାସ୍ତ କରିଛି । ୧୫୪ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୟୁ.ପି. ୱାରିୟର୍ସ୍ ୧୭ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୮ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୫୩ରନ୍‌ର ସ୍କୋର କରିଥିଲା ।